# Akashvani, Sambalpur

## SAMBALPURI NEWS BULLETIN

### 8 December 2024- 6.47- 6.52 am.

*********************************************

ଇନ୍‌ପୁଟ୍ ସବ୍‌ସିଡି - ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ଧାନ୍ ଉପ୍‌ରେ ଆଏଜ୍ ରାଜ୍ୟସ୍ତରୀୟ ଇନ୍‌ପୁଟ୍ ସାହାଜ୍ ଟଙ୍କା ଦେବାର୍ ଶୁଭାରମ୍ଭ କରାଯିବା । ବର୍‌ଗଡ଼୍ ଜିଲ୍ଲାର୍ ସୋହେଲା ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଶୁଭାରମ୍ଭ କର୍‌ବେ । ଇ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆର୍ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ୍ ରହେବେ ।

ଇତାର୍‌ସହେତେ ଭିନ୍ ଭିନ୍ ଜିଲ୍ଲା ନ ଭିଲ୍ ଇ କାର୍ଯ୍ୟକ୍ରମ୍‌ର ପ୍ରଦର୍ଶନ୍ କର୍‌ବାର୍ ବ୍ୟବସ୍ଥା କରାଯାଇଛେ । ସମ୍ବଲ୍‌ପୁର୍ ନ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, କଳାହାଣ୍ଡି ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ କାର୍ଯ୍ୟକ୍ରମ୍ ସମିଆଥି ଉପସ୍ଥିତ୍ ରହେବେ । ଏଫଏକ୍ୟୁ ଧାନର୍

କ୍ୱିଂଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ଟଙ୍କା ଆଉ ଅତିରିକ୍ତ ଇନ୍‌ପୁଟ୍ ସାହାଜ୍ ୮ ଶହ ଟଙ୍କାକେ ମିଶେଇକରି ୩୧ ଶହ ଟଙ୍କା ଦିଆଯିବା । ଇଟା ଚାଷୀମାନ୍‌କର୍ ଆର୍ଥିକ୍ ଥିତିକେ ବର୍‌କସ୍ କର୍‌ବା ବଲି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସିଏଜି ରିପୋର୍ଟ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ବିଧାନ୍‌ସଭା ନ ଭାରତ୍‌ର ମହାଲେଖା ନିୟନ୍ତ୍ରକ ଆର୍ ମହାସମୀକ୍ଷକ ଆଉର୍ ମହା ସମୀକ୍ଷକ- ସିଏଜିଙ୍କର୍ ରିପୋର୍ଟ ଉପସ୍ଥାପନ୍ କରିଛନ୍ । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ ହିସାବ୍ ଉପ୍‌ରେ ୨୦୨୩ -୨୪ ବର୍ଷର୍ ଅର୍ଥ ହିସାବ୍ ଆର୍ ବିନିଯୋଗ୍ ସମୀକ୍ଷାର ୮ ଟା ରିପୋର୍ଟ ରହିଛେ । ଜନସ୍ୱାସ୍ଥ୍ୟ ଭିତିଭୂମି ଆଉ ସ୍ୱାସ୍ଥ୍ୟସେବା ପରିଚାଳନା, ମହାନଗର୍ ନିଗମ୍ ବର୍ଷା ଜଳ ନିଷ୍କାସନ ଆର୍ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥା ଉପ୍‌ରେ ସିଏଜିଙ୍କର୍ ରିପୋର୍ଟକେ ଭିଲ୍ ମୁଖ୍ୟମନ୍ତ୍ରୀ ଉପସ୍ଥାପନ୍ କରିଥିଲେ ।

ମହାକୁମ୍ଭ -ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରୟାଗ୍‌ରାଜ୍ ଠାନେ ଆଏବା ଜାନୁଆରୀ ୧୩ ନୁ ଫେବୃଆରୀ ୨୬ ତାରିଖ୍‌ତକ୍ ହେବାର୍‌କେ ଥିବା ମହାକୁମ୍ଭର୍ ଲାଗି ଉତର୍‌ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ନିଉତା ଦେଇଛନ୍ । ଉତର୍‌ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ସେନର୍ ଶ୍ରମ ଆର୍ ନିୟୋଜନ୍ ମନ୍ତ୍ରୀ ଅନୀଲ୍ ରାଜ୍‌ଭର୍ ଆଉ ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ ଶତୀଶ୍ ଚନ୍ଦ୍ର ବର୍ମା ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ତାଙ୍କର୍ ବାସଭବନ୍‌ଥି ଭେଟିକରି ଇ ନିଉତା ସହେତେ ଶୁଭକଳସ ଆର୍ ମହାକୁମ୍ଭର୍ ଲୋଗୋ ଦେଇଥିଲେ ।

ଓମ୍‌ଫେଡ୍ ଘିଅ ରପ୍ତାନୀ        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ବାହାରେ ଓମ୍‌ଫେଡ୍ ଘି' ବିକ୍ରି ଲାଗି ନିଷ୍ପତି ନିଆଯାଇଛେ ବଲି ଓମ୍‌ଫେଡର ଏମ୍.ଡି. ବିଜୟ ଅମୃତ୍ କୁଲାଙ୍ଗେ କହିଛନ୍ । ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର୍ ନ ଖାଲି ଓମ୍‌ଫେଡ୍ ଘି' ଲାଗି ହେବାର୍ ଲାଗି ନିଷ୍ପତି ନିଆଯିବାର୍ ଉତ୍‌ରୁ ସଂସ୍ଥାର୍ କାର୍‌ବାର୍ ବଢ଼ିଛେ । ଦିନ୍‌କ ହାରାହାରି ୪ ଦଶ୍‌ମିକ ୫ ମେଟ୍ରିକ୍ ଟନ୍ ଘି' ବିକ୍ରି

ହେଉଛେ । ଖୋବ୍ ଜଲ୍‌ଦି ଓମ୍‌ଫେଢ୍ ଚକ୍‌ଲେଟ୍ ଆର୍ ପାଏନ୍ ବୁତଲ୍ ବଜାର୍‌କେ ଆସ୍‌ବା ବଲି ଭିଲ୍ ସେ କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ I&PR

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ଆଏବା ଜାନୁଆରୀ ୮ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ୩ ଦିନ୍ ଧରିକରି ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ଅନୁଷ୍ଠିତ ହେବା । ଇ ଦିବସ୍‌ର ସୁରୁଖୁରୁ ଆୟୋଜନ୍‌ର ତୟାରି ବାବ୍‌ଦେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ସମ୍ମିଲନୀଥି କେନ୍ଦ୍ର ସର୍‌କାର୍‌ଙ୍କର୍ ବରିଷ୍ଠ ମନ୍ତ୍ରୀ ବୈଦେଶିକ ବ୍ୟାପାର୍ ବିଭାଗ୍‌ର ଅଧିକାରୀ, ପ୍ରବାସୀ ଭାରତୀୟ, ଆଉ କୁନୁଆଁ ମାନେ ଯୋଗ୍ ଦେବେ ।

ପ୍ରଧାନ୍‌ମନ୍ତ୍ରୀ ପୋଷଣ୍‌ଶକ୍ତି ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ପ୍ରାଥମିକ ଆର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୍ ୮ ଶ୍ରେଣୀତକ୍

ଛାତ୍ରଛାତ୍ରୀମାନ୍‌କର୍ ପୋଷଣ ଥିତିକେ ସୁଧିବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ 'ପ୍ରଧାନ୍‌ମନ୍ତ୍ରୀ ପୋଷଣ୍ ଶକ୍ତି ନିର୍ମାଣ୍ ଯୋଜ୍‌ନା' ପ୍ରଚଲନ୍ କରାଯାଉଛେ । ଇଥିର୍‌ଲାଗି ରାଜ୍ୟର୍ ଇ ବିଦ୍ୟାଲୟମାନ୍‌କେ ପାଚିକା ମାନ୍‌କୁ ନିୟୋଜିତ୍ କରାଯାଇଛେ । ଇ ପାଚିକାଙ୍କୁ ପ୍ରଧାନ୍‌ମନ୍ତ୍ରୀ ପୋଷଣ୍ ଶକ୍ତି ଲାଗି ଥିବାର୍ ଟଙ୍କା ଭିତ୍‌ରୁ ସର୍‌କାର୍‌ଙ୍କର୍ ଧାରିଜ୍ ହାର୍‌ଥି ପାରିତୋଷିତ ଦିଆଯାଏସି । ପାଚିକା ମାନ୍‌କର୍ ଚାକିରୀ ସମିଆ ଭିତ୍‌ରେ ଅକାଳ ବିୟୋଗ୍ ହେଲେ ସାମାଜିକ ସୁରକ୍ଷାର୍ ଲାଗି ସେମାନ୍‌କର୍ କୁଟୁମର୍ ଲୁକ୍‌କୁ ମୃତ୍ୟୁକାଳୀନ ସାହାଜ୍ ବାବ୍‌ଦେ ୧ ଲାଖ୍ ଟଙ୍କା ଦେବାର୍ ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଖାଦ୍ୟ ସୁରକ୍ଷା ଆଇନ୍ ସମ୍ବଲପୁର ସମ୍ବାଦଦାତା

ରାଜ୍ୟ ଖାଦ୍ୟ ଆୟୋଗ୍‌ର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ସମ୍ବଲ୍‌ପୁର୍ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲା ନ ଚାଲିଥିବା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ର ହିତାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ପୋଷଣ ଯୋଜ୍‌ନା, ରନ୍ଧା ଖାଦ୍ୟର ଥିତି ବାବ୍‌ଦେ ସମୀକ୍ଷା କରିଛନ୍ । ସେ ଝୁଝୁମୁରା ବ୍ଲକ୍‌ର ଭିନ୍ ଭିନ୍

ଗାଁକେ ଯାଇକରି ଖାଦ୍ୟ ନିରାପତା ବ୍ୟବସ୍ଥାର୍ କାର୍ଯ୍ୟକାରିତା ବାବ୍‌ଦେ ପଚ୍‌ରାବୁଝା କରିଥିଲେ । ସମ୍ବଲ୍‌ପୁର୍ ଠାନେ ଗୁଟେ ସମୀକ୍ଷା ବୈଠକ୍ ନ ଇ-କେଓ୍ୱାଇସି, ଯାଂଚ୍ ମମତା ହିତାଧିକାରୀ, ପୋଷଣ୍ ବଗିଚା, ମଧ୍ୟାହ୍ନ ଭୋଜନ୍, ରକ୍ତହୀନତା ମୁକ୍ତ ଲକ୍ଷ୍ୟ ଅଭିଯାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଗ୍ରାମ୍ୟ ଉନ୍ନୟନ୍ ପ୍ରମୁଖ ସଚିବ-ବୌଦ୍ଧ I&PR

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ଗ୍ରାମ୍ୟ ନିର୍ମାଣ୍ ବିଭାଜନ୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବାର୍ ଭିନ୍ ଭିନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ସେତୁ ବନ୍ଧ ଯୋଜ୍‌ନାଥି ଜିଲ୍ଲା ନ ଚାଲିଥିବା ୧୫ ଟା ସେତୁ, ରାଜ୍ୟ ଯୋଜ୍‌ନାର୍ ୧୨ ଟା ସଡ଼କ୍, ଦୀର୍ଘମିଆଦୀ ଭିତିଭୂମି ନିର୍ମାଣର ସଡ଼କ ପ୍ରକଳ୍ପ ବାବ୍‌ଦେ ସେ ସମୀକ୍ଷା କରିଥିଲେ । ଜିଲ୍ଲା ନ ତିଆର୍ ହେବାର୍‌କେ ଥିବାର୍ ଅଲ୍‌ଗା ସେତୁ ଆର୍ ସଡ଼କ୍‌ର ସମନ୍ୱିତ ପ୍ରକଳ୍ପ ରିପୋର୍ଟ ତୟାରି ଆଉ ୯ ଟା ନୂଆଁ ପ୍ରକଳ୍ପ ବାବ୍‌ଦେ ଶ୍ରୀ ସିଂଙ୍କର୍ ଗସ୍ତ ସମିଆଥି ସମୀକ୍ଷା କରାଯାଇଥିଲା ।

ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗଲାକାଏଲ୍‌ନୁ ଶହେ ଦିନ୍ ଧରିକରି ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ବୌଦ୍ଧ, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ସୋନ୍‌ପୁର୍ ସହେତେ ରାଜ୍ୟର୍ ୧୯ ଟା ଯକ୍ଷ୍ମା ପ୍ରବଣ୍ ଜିଲ୍ଲାଥି ଇ କାର୍ଯ୍ୟକ୍ରମ୍ ମୁଲ୍ କରାଯାଇଛେ । ଇଥି ୬୦ ବଛର୍‌ନୁ ଅଏତ୍‌କା ବୟସର୍ ଲୋକ୍ ମଧୁମେହ ରୋଗୀ, ଅପପୁଷ୍ଟିର୍ ଶିକାର୍ ଲୋକ୍, ଏଚ୍‌ଆଇଭି ଆକ୍ରାନ୍ତ, ମଦ୍ ଆର୍ ଧୂମପାନ କରୁଥିବା ଲୁକ୍‌କର୍ ସହେତେ ଗଲା ୫ ବଛ୍‌ରେ ଯକ୍ଷ୍ମା ଆକ୍ରାନ୍ତ ହେଇଥିବା ଲୋକ୍‌ମାନ୍‌କୁ ଚିକିତ୍ସା କରାଯାଇକରି ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ କରାଯାଇଛେ ।